### ବୌଦ୍ଧ ଜିଲ୍ଲା କୃଷ୍ଣପାଲି ଗାଁରେ ସାଇକେଲରେ ଶବ ବୁହା ହେବା ପ୍ରସଙ୍ଗରେ

# ଆଦର୍ଶ, ଶ୍ରେଷ୍ଠ ପ୍ରଶାସକ ଓ କଠିନ ପରିଶ୍ରମୀ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ସମାଜରେ ବାସନ୍ଦ ପ୍ରଥା ଭୟଙ୍କର ରୂପ ଧାରଣ କରିଛି : ବସନ୍ତ ପଣ୍ଡା

- ବୌଦ୍ଧର ବ୍ରାହ୍ମଣୀପାଲି ପଂଚାୟତ କୃଷ୍ଣପାଲି ଗ୍ରାମର ଘଟିଥିବା ଘଟଣା ରାଜ୍ୟ ପାଇଁ ଆଉ ଏକ ଲଜ୍ୟା
- ମୃତ୍ୟୁ ପରେ ମଧ୍ୟ ଶବକୁ ଅସମ୍ମାନ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ପ୍ରଶାସନର ଚରମ ବିଫଳତା
- ରାଜ୍ୟସରକାରଙ୍କ ଅପାରଗତା ଏବଂ ସ୍ଥାଣୁତା ପାଇଁ ଆଜି ରାଜ୍ୟରେ ମହାପ୍ରୟାଣ ଯୋଜନା, ଜନନୀ ସୁରକ୍ଷା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଆଦି ବିଭିନ୍ନ ଗରୀବକଲ୍ୟାଣ ଯୋଜନା ଫେଲ୍ ମାରିଛି
- କଠିନ ପରିଶ୍ରମର କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ବିକାଶ କେଉଁଠି ପହଁଚିଛି ତା ଏଥିରୁ ସ୍ପଷ୍ଟ
- ମୁଖ୍ୟମନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଓଡିଶାକୁ ବିଶ୍ୱ ଦରବାରରେ ଲଜ୍ଜିତ କରିଛନ୍ତି
- ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ?
- ସାମାଜିକ ବାସନ୍ଦ ବ୍ୟବସ୍ଥା ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ ପାଖରେ ଏନେଇ ଖବର ଅଛକି ?
- ଓଡିଶାବାସୀଙ୍କ ଜନଜୀବନ ବିପନ୍ନ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଅଣଓଡିଆ ଅଫିସରମାନଙ୍କ ପାଇଁ କୌଣସି ମାନେ ରଖେ ନାହିଁ

**ଭୁବନେଶ୍ୱର, ତା.୦୨/୦୮ :** ବୌଦ୍ଧ ଜିଲ୍ଲା ବ୍ରାହ୍ମଣୀପାଲି ପଂଚାୟତର କୃଷ୍ଣପାଲି ଗାଁରେ ସାମାଜିକ ବାସନ୍ଦ ପାଇଁ ଶବ ସତ୍କାର ସକାଶେ ମିଳିଲାନି କାନ୍ଧ । ଶେଷରେ ସାଇକେଲରେ ବୁହା ହେଲା ଶବ । ଏହାଠାରୁ ବଡ ଦୁଖ ଓ ପରିତାପର ବିଷୟ ରାଜ୍ୟ ପାଇଁ କ'ଣ ହୋଇପାରେ ? ନିଜର କଠିନ ପରିଶ୍ରମର କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ବିକାଶ କେଉଁଠି ପହଁଚିଛି ତା ଏଥିରୁ ସ୍ପଷ୍ଟ ହୋଇଛି । ଦାନ ମାଝୀ ଘଟଣାକୁ ନେଇ ସାରା ଓଡିଶା ବିଶ୍ୱ ଦରବାରରେ ନିନ୍ଦିତ ହୋଇଥିବା ବେଳେ ଗତକାଲି ବୌଦ୍ଧର ବ୍ରାହ୍ମଣୀପାଲି ପଂଚାୟତରେ ଘଟିଥିବା ଅଭାବନୀୟ ଘଟଣା ରାଜ୍ୟ ପାଇଁ ଆଉ ଏକ ଲଜ୍ଜା ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି । ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତା ପାଇଁ ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନିଘୋଡ ନିଦ୍ରାରେ ଶୋଇଛନ୍ତି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି ।

ଶ୍ରୀ ପଣ୍ଡା କହିଛନ୍ତି ଯେ, ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର ଜନହିତକର ଯୋଜନାର ଡିଣ୍ଡିମ ପିଟି ବୁଲୁଛନ୍ତି । ମାତ୍ର ବାସ୍ତବରେ ଏସବୁ ଯୋଜନା କିପରି ଭାବେ ଲୋକମାନଙ୍କ ନିକଟରେ ପହଁଚୁଛି, ସେ ସଂପର୍କରେ ଅଜ୍ଞ । ଗତ କାଲି ବୌଦ୍ଧ ଜିଲ୍ଲାରେ ଘଟିଥିବା ଏହି ଅଭାବନୀୟ ଘଟଣା ହିଁ ଏହାରା ଅସଲ ଉଦାହରଣ । ମୁଖ୍ୟମନ୍ତ୍ରୀଙ୍କ ଅତି ପାଖ ଲୋକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଦୀପ ଅମାତଙ୍କ ନିଜ ଅଂଚଳରେ ଏଭଳି ଘଟଣା ଘଟିଛି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ନିଜକୁ ଆଦର୍ଶ ମୁଖ୍ୟମନ୍ତ୍ରୀ, ଶ୍ରେଷ୍ଠ ପ୍ରଶାସକ ଓ କଠିନ ପରିଶ୍ରମର କଥା କହୁଛନ୍ତି ହେଲେ ତାଙ୍କ ଶାସନ କାଳରେ ସମାଜରେ ବାସନ୍ଦ ପ୍ରଥା ଭୟଙ୍କର ରୂପ ଧାରଣ କରଛି । ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶାସକମାନେ କ'ଣ କରୁଛନ୍ତି ବୋଲି ଶ୍ରୀ ପଣ୍ଡା ପାଲଟା ପ୍ରଶ୍ନ କରିଛନ୍ତି ।

ରାଜ୍ୟରେ କେବଳ ଏହା ଗୋଟିଏ ଘଟଣା ନୁହେଁ । ପୂର୍ବରୁ କଳାହାଣ୍ଡି ଜିଲ୍ଲାର ଦାନମାଝୀ ନିଜ ପତ୍ନୀର ଶବ କାନ୍ଧେଇ ଚାଲିବା ଘଟଣା, ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲାରେ ଆଦିବାସୀ ରଣଜିତ ମୁଣ୍ଡାଙ୍କ ପତ୍ନୀ କୁନି ମୁଣ୍ଡାଙ୍କ ଶବକୁ ନାବାଳକ ପିଲାମାନେ ଟ୍ରଲିରେ ବୋହିବା ଘଟଣା, ପୁରୀରେ ସାଇକେଲରେ ଓ ଜଗତସିଂହପୁରରେ ଟ୍ରଲିରେ ଶବ ବୁହାହେବା ଘଟଣା ଏବଂ ବରଗଡ ଜିଲ୍ଲାରେ ସୋହେଲା ବ୍ଲକରେ ଜଣେ ବୟସ୍କା ବୃଦ୍ଧାଙ୍କୁ ଝିଅମାନେ କାନ୍ଧ ଦେବା ଘଟଣା ପ୍ରଶାସନର ବିଫଳତାକୁ ପଦାରେ ପକାଇଛି । ଏଠି ଯୋଜନାମାନ ଘୋଷଣା କରି ମୁଖ୍ୟମନ୍ତ୍ରୀ କେବଳ ନିଜର ବାଃ ବାଃ ନେଇ ଚାଲିଛନ୍ତି । ଖବରକାଗଜ ଓ ଗଣମାଧ୍ୟମରେ ପ୍ରଥମ ପୃଷ୍ଠାରେ ବିଜ୍ଞାପନ ଦେଇ ମୁଖ୍ୟମନ୍ତ୍ରୀ କୋଟି କୋଟି ଟଙ୍କା ଖର୍ଚ୍ଚ କରି 'ଆମ ଗାଁ ଆମ ବିକାଶ' ଯୋଜନାର ପ୍ରଚାର କରି ନିଜର ଡିଣ୍ଡିମ ପିଟୁଥିବା ବେଳେ ବିଜ୍ଞାପନର ଠିକ୍ ତଳକୁ ରାଜ୍ୟସରକାରଙ୍କ ଅପାରଗତା ଦର୍ଶାଇ ସାଇକେଲରେ ଶବ ବୋହିବା ଘଟଣା ପ୍ରକାଶ ପାଇବା ରାଜ୍ୟ ପାଇଁ ସବୁଠୁ ବଡ ଲଜ୍ଜାର ବିଷୟ । ଏହା କ'ଣ ଆମ ଗାଁ ଆମ ବିକାଶର ଉଦାହରଣ ? ଲୋକମାନଙ୍କୁ ସେବା ଯୋଗାଇବା ପାଇଁ ବିଜୁ ଯୁବ ବାହିନୀ ଗଠନ ହୋଇଛି ନା ଶାସକ ଦଳ ନିର୍ବାଚନରେ ଭୋଟ ହାତେଇବା ପାଇଁ ଗଠନ ହୋଇଛି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ।

ଶ୍ରୀ ପଣ୍ଡା ଆହୁରି କହିଛନ୍ତି ଯେ, ପ୍ରତିଦିନ ଗଣମାଧ୍ୟମରେ ଏଭଳି ଖବର ପ୍ରକାଶ ପାଉଥିବା ବେଳେ ରାଜ୍ୟ ସରକାରଙ୍କର ରହିଥିବା ବ୍ୟବସ୍ଥା କ'ଣ କରୁଛି । ମୁଖ୍ୟମନ୍ତ୍ରୀ ଓଡିଆ ସମ୍ବାଦପତ୍ର ପଢିପାରନ୍ତି ନାହିଁ କି ବୁଝିପାରନ୍ତି ନାହିଁ, ତେଣୁ ଏଖବର ସେ ଜାଣି ପାରୁନାହାନ୍ତି । ରାଜ୍ୟର ମୁଖ୍ୟମନ୍ତ୍ରୀ ଏଠି ସୁପ୍ତ ଅବସ୍ଥାରେ ଅଛନ୍ତି । ଶାସକ ଏଠି ଶାସିତର ଦୁଃଖ ବୁଝିପାରେ ନାହିଁ । ରାଜ୍ୟର ସାଧାରଣ ଜନତା ହନ୍ତସନ୍ତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଓଡିଶାକୁ ବିଶ୍ୱ ଦରବାରରେ ଲଜ୍ଜିତ କରିଛନ୍ତି । ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଘେରି ବୁଲୁଥିବା ବାବୁ ମାନେ କ'ଣ ଏକଥା ମାନ୍ୟବରଙ୍କୁ କହୁନାହାନ୍ତି ନା ସାଧାରଣ ଓଡିଆଙ୍କ ଜୀବନ ଏହି ଅଣଓଡିଆ ଅଫିସର ମାନଙ୍କ ପାଇଁ କୌଣସି ମାନେ ନାହିଁ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ଯୋଜନା ଉପରେ ଯୋଜନା ଘୋଷଣା କରି ରାଜ୍ୟ ରାଜକୋଷକୁ ଲୁଟିବା, ଯୋଜନାରେ ଅର୍ଥ ବ୍ୟବସ୍ଥା ନକରିବା ଏ ସରକାରଙ୍କ ଅଭ୍ୟାସରେ ପରିଣତ ହୋଇଛି । ହରିଶ୍ଚନ୍ଦ୍ର ଯୋଜନାରେ ବୌଦ୍ଧର ବ୍ରାହ୍ମଣୀପାଲ ପଂଚାୟତର ଚର୍ତୁଭୂଜ ବାଙ୍କର ସମ୍ପର୍କୀୟାଙ୍କର ଦେହାନ୍ତ ହୋଇଥିବା ବେଳେ ତାଙ୍କର ଶବ ସତ୍କାର କରିବା ପାଇଁ ଅର୍ଥ କାହିଁକି ମିଳିଲାନି । କୌଣସି ସରକାରୀ ବାବୁ ସେଠାରେ ପହଁଚିଥିଲେ କି ? ସାମାଜିକ ବାସନ୍ଦ ବ୍ୟବସ୍ଥା ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ ପାଖରେ ଏନେଇ ଖବର ଅଛକି ନାହିଁ ବୋଲି ଶ୍ରୀ ପଣ୍ଡା ପାଲଟା ପ୍ରଶ୍ନ କରିଛନ୍ତି ।

ରାଜ୍ୟସରକାର ଯୋଜନା ଉପରେ ଯୋଜନା ରାଜ୍ୟରେ ଲାଗୁ କରୁଛନ୍ତି । କିନ୍ତୁ ଲୋକମାନେ ଯୋଜନା ଠାରୁ ବହୁ ଦୂରରେ ଅଛନ୍ତି । ରାଜ୍ୟ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ଏହା ନିଶ୍ଚିତ ରୂପରେ ଉଦବେଗଜନକ । ରାଜ୍ୟସରକାରଙ୍କ ଅପାରଗତା ଏବଂ ସ୍ଥାଣୁତା ପାଇଁ ଆଜି ରାଜ୍ୟରେ ମହାପ୍ରୟାଣ ଯୋଜନା, ଜନନୀ ସୁରକ୍ଷା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଆଦି ବିଭିନ୍ନ ଯୋଜନା ଫେଲ୍ ମାରିଛି । ରାଜ୍ୟର ମା'ମାନେ ଅଟୋରେ, ବାଟରେ ଓ ଖଟରେ ମହିଳା ପ୍ରସବ କରୁଛନ୍ତି । ଆମ୍ବୁଲାନ୍ସ ବ୍ୟବସ୍ଥା ଠିକ୍ ଭାବେ ମିଳୁନଥିବାରୁ ବେଡାରେ, ଟୋକେଇରେ, କାନ୍ଧରେ, ସାଇକେଲରେ ରୋଗୀମାନେ ମେଡିକାଲ ଯାଉଛନ୍ତି । ଏପରିକି ମୃତ୍ୟୁ ପରେ ମଧ୍ୟ ଶବକୁ ଅସମ୍ମାନ କରାଯାଉଛି । ଦାନମାଝୀ ପରି ଘଟଣା ପ୍ରତିଦିନ ରାଜ୍ୟରେ ଘଟିବା ଘଟଣାରେ ନବୀନ ସରକାରଙ୍କୁ ସ୍ଥାଣୁ, ଅପାରଗ, ଅର୍ଥବ କୁହାଯିବନି ତ କ'ଣ କୁହାଯିବ ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ପ୍ରବକ୍ତା ସୁଦୀପ୍ତ ରାୟ ଓ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରୀମତି ପ୍ରଭାତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**

*(ପୃଷ୍ଠା: ୨/୨)*